ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା)ର ତ୍ରୈମାସିକ ସମ୍ବାଦ ପତ୍ରିକା




# ନିଶାମୁକ୍ତି ସଂଗ୍ରାମ

# NISHAMUKTI SANGRAM

ତୃତୀୟ ବର୍ଷ | ସଂଖ୍ୟା - ୧୪ | ଏପ୍ରିଲ-ଜୁନ୍ ୨୦୨୪ | ଭୁବନେଶ୍ୱର | ପୃଷ୍ଠା - ୪ | ମୂଲ୍ୟ - ୫ ଟଙ୍କା

VOLUME - 3 | ISSUE - 14 | Apr-June 2024 | BHUBANESWAR | 4 PAGES | PRICE : Rs.5.00




Ref. No.: MONNA/2024-25/438
Date : 20.06.2024

*ମାନ୍ୟବର ବିଧାୟକ/ବିଧାୟିକା,*
*ଓଡ଼ିଶା ବିଧାନସଭା, ଭୁବନେଶ୍ୱର*

## ମଦମୁକ୍ତ ଓଡ଼ିଶା ଜରୁରୀ କାହିଁକି ?

**ସମ୍ମାନୀୟେଷୁ,**

ନବୀନ ପଟ୍ଟନାୟକଙ୍କ ୨୪ବର୍ଷ ଶାସନ କାଳରେ ନାନା ବିକାଶମୂଳକ କାମ ଠାରୁ ସବୁଠାରୁ ଅଧିକ ବିକାଶ ଲାଭ କରିଥିଲା ମଦ ବ୍ୟବସାୟ । ଏହି ବ୍ୟବସାୟରୁ ସରକାର ପ୍ରଥମ ବର୍ଷ ୮୩ କୋଟି ଟଙ୍କା ପାଇଥିବା ସ୍ଥଳେ ୨୦୨୪-୨୫ ମସିହାରେ ୧୦ ହଜାର କୋଟି ଟଙ୍କା ପାଇବାର ଅଟକଳ ରଖିଛନ୍ତି । ବଗର ଅଣ୍ଟ ବଢିଲେ ମୀନଙ୍କ ବିପତ୍ତି ବଢିବା ଭଳି ରାଜ୍ୟରେ ମଦର ବନ୍ୟା ବଢି ଚାଲିଥିବା ସଙ୍ଗେ ସଙ୍ଗେ ମଦ୍ୟପ, ବିଶେଷକରି ଯୁବ-ମଦ୍ୟପମାନେ ଲକ୍ଷ ଲକ୍ଷ ସଂଖ୍ୟାରେ ପ୍ରତିବର୍ଷ ମରିଛନ୍ତି । ଯେଉଁ ସମ୍ବେଦନଶୀଳ ବ୍ୟକ୍ତି ସାଧାରଣ ଲୋକଙ୍କ ସହିତ ମିଶୁଛନ୍ତି ସେମାନେ ଏହା ଲକ୍ଷ୍ୟ କରୁଥିବେ ।

ବି.ଜେ.ପି ନିର୍ବାଚନ ପୂର୍ବରୁ ତାଙ୍କ ନିର୍ବାଚନୀ ଇସ୍ତାହାରରେ "ଆମେ ୨୦୨୯ ସୁଦ୍ଧା ନିଶାମୁକ୍ତ ଓଡ଼ିଶା ସୃଷ୍ଟି କରିବୁ ଏବଂ ଧାରା ୪୭କୁ କଡ଼ାକଡ଼ି ଭାବରେ କାର୍ଯ୍ୟକାରୀ କରି ବିଷାକ୍ତ ପାନୀୟ ତଥା ଡ୍ରଗ୍ସକୁ ନିୟନ୍ତ୍ରଣ କରିବୁ ଏବଂ ସଚେତନତା ଅଭିଯାନ ତଥା ନିଶା ନିବାରଣ କେନ୍ଦ୍ରଗୁଡ଼ିକ ଗଠନ କରି ଉତ୍କୃଷ୍ଟ ଜୀବନ ପଦକ୍ଷେପ ଆରମ୍ଭ କରିବୁ" ବୋଲି ଘୋଷଣା କରିଥିଲେ । ଓଡ଼ିଶାର ଜନସାଧାରଣ ସେହି ଦଳର ଶପଥକୁ ଭରସା କରି ତାଙ୍କୁ ଓଡ଼ିଶା ଶାସନର ଦାୟିତ୍ୱ ଦେଇଛନ୍ତି । ଦଳ ଘୋଷଣା କରିଥିବା ବହୁ କାର୍ଯ୍ୟକ୍ରମ ମଧ୍ୟରେ ଜନସାଧାରଣଙ୍କ ଜରୁରୀ କାମ ଗୁଡ଼ିକୁ ହାତକୁ ନେବେ । ରସ୍କିନ୍ ଓ ଗାନ୍ଧିଙ୍କ ଭଳି ମହାନ୍ ବ୍ୟକ୍ତିମାନେ କହିଛନ୍ତି ଯେ, ଯେତେବେଳେ ବହୁତ ଗୁଡ଼ିଏ କାମର ଦାୟ ଥାଏ, ସେତେବେଳେ ସେହି କାମଟିକୁ ପ୍ରଥମେ ହାତ ଦେବେ ଯାହା ସର୍ବାଧିକ ଲୋକଙ୍କର ବିଶେଷକରି ସମାଜର ସବୁଠାରୁ ଦୁଃଖି ଲୋକଙ୍କର ଦୁଃଖ ଲାଘବ ଲାଗି ସହାୟକ ହେବ । ଆମ ରାଜ୍ୟର ଅଧିକାଂଶ ଲୋକ ଚାଷ ସହିତ ସମ୍ପୃକ୍ତ । ଏଣୁ ଚାଷୀଙ୍କ ପାଇଁ ଜରୁରୀ କାର୍ଯ୍ୟକ୍ରମ ଗୁଡ଼ିକ ନିଶ୍ଚୟ ସରକାରଙ୍କ ଆଖିରେ ପଡ଼ିବ । ଏହାକୁ ହାତକୁ ନେବା ସଙ୍ଗେ ସଙ୍ଗେ ସରକାରଙ୍କୁ ମଦର ଦୌରାତ୍ମ୍ୟ ଦିଗକୁ ଦୃଷ୍ଟି ଦେବାକୁ ହେବ । କାରଣ ପୂର୍ବେ ଶିଳ୍ପ ଓ ନିର୍ମାଣ କାର୍ଯ୍ୟରେ ନିଯୁକ୍ତ ଶ୍ରମିକ ଓ ନାବିକମାନେ ମଦ୍ୟପାନ କରୁଥିଲେ । ଏବେ ଚାଷକାମରେ ଲାଗୁଥିବା ମୁଲିଆ ଓ ଚାଷୀପୁଅ ବି ମଦ ପିଉଛି । ଦେଖାଯାଉଛି ଯେଉଁଦିନ ଚାଷୀ କାଳିଆ ଟଙ୍କା ପାଇଛି, ସେଦିନ ମଦ ଦୋକାନରେ ତିନିଗୁଣ ଭିଡ଼ ହୋଇଛି । ମଦ ଦ୍ୱାରା ତଫସିଲଭୁକ୍ତ ଜାତି ଓ ଜନଜାତି ଅଧିକ କ୍ଷତିଗ୍ରସ୍ତ ହେଉଥିବାର ଦେଖାଯାଉଛି । ସେମାନଙ୍କର ଆର୍ଥିକ ଉନ୍ନତି ପାଇଁ ସରକାର ନାନା ଯୋଜନା ସତ୍ତ୍ୱେ ସେମାନଙ୍କର ଆର୍ଥିକ ଉନ୍ନତି ତ ହେଉନାହିଁ, ସେମାନଙ୍କ ଆୟୁ କମୁଥିବା ବେଳେ ଆନୁପାତିକ ଭାବରେ ଜନସଂଖ୍ୟା କମୁଛି । ଏ ଦିଗରେ ଜୁଆଙ୍ଗମାନଙ୍କ ଦୁର୍ଦ୍ଦଶା ଆଖିରେ ପଡ଼େ । ନଗଡ଼ା ଭଳି ରାଜ୍ୟରେ ଅୟୁତ ଅୟୁତ ଗାଁ ଅଛି ଯେଉଁଠି ମଦ ଛଡ଼ା ଅଳ୍ପ ବୟସରେ ବିବାହ ସେଠାକାର ସମସ୍ୟାକୁ ଜଟିଳତର କରୁଛି । ଏମାନଙ୍କ ବିକାଶ ଲାଗି କେନ୍ଦ୍ର ଓ



ରାଜ୍ୟ ସରକାରଙ୍କର ବହୁ ଯୋଜନା ଅଛି । କିନ୍ତୁ ଯେପର୍ଯ୍ୟନ୍ତ ସେମାନେ ମଦର ଦୌରାତ୍ମ୍ୟରୁ ରକ୍ଷା ପାଇନାହାଁନ୍ତି, ସେମାନଙ୍କ ଉଦ୍ଦେଶ୍ୟରେ ଚାଲିଥିବା ଯୋଜନା ବିଶେଷ ଫଳପ୍ରଦ ହେବନାହିଁ ।

### ସଂପାଦକୀୟ

ସମାଜରେ ମହିଳାମାନେ ଏକ ନିର୍ଯ୍ୟାତିତ ଗୋଷ୍ଠୀ । ସେମାନଙ୍କୁ ସଶକ୍ତ କରିବା ଲାଗି ନାନା ଯୋଜନା ଥିଲେ ବି ଯେପର୍ଯ୍ୟନ୍ତ ରାଜ୍ୟ ସମ୍ପୂର୍ଣ୍ଣ ମଦମୁକ୍ତ ନ ହୋଇଛି, ସଶକ୍ତ ତ ଦୂରର କଥା, ସେମାନେ ମଦୁଆ ସ୍ୱାମୀ ଠାରୁ ମାଡ଼ ଖାଇବା ସଙ୍ଗେ ସଙ୍ଗେ ବାହାରେ ନିର୍ଭୟରେ ଚଳାଚଳ କରିପାରିବେ ନାହିଁ ।

ଅନ୍ୟାନ୍ୟ ନିଶାଦ୍ରବ୍ୟ ଠାରୁ ମଦରୁ ମୁକ୍ତି ପାଇବା ଲାଗି ଆମେ ଏଇଥିପାଇଁ ଗରୁତ୍ୱ ଦେଉଛୁ ଯେ, ଅନ୍ୟାନ୍ୟ ନିଶା ବ୍ୟବସାୟ ଆଇନ ଦୃଷ୍ଟିରୁ ବେଆଇନ; କିନ୍ତୁ ମଦକୁ ନିଜେ ସରକାର ବିକୁଛନ୍ତି ଓ ପ୍ରୋତ୍ସାହନ ଦେଉଛନ୍ତି । ଅନ୍ୟାନ୍ୟ ନିଶା ବ୍ୟକ୍ତିର କ୍ଷତି ଘଟାଇଥାଏ କିନ୍ତୁ ମଦ ପରିବାର ଠାରୁ ସମଗ୍ର ସମାଜ ଲାଗି ବିପଜ୍ଜନକ । ମଦମୁକ୍ତ ଓଡ଼ିଶା ସରକାର ଲାଗି ଅଗ୍ରାଧିକାର ପାଇବା ଦରକାର ହେଲେ ବି ଏହାକୁ କାର୍ଯ୍ୟକାରୀ କରିବା ଅତି କଷ୍ଟକର । କାରଣ ନବୀନଙ୍କ ୨୪ବର୍ଷ ଶାସନ କାଳରେ ମଦ ବ୍ୟବହାର ପ୍ରାୟ ଶହେଗୁଣ ବଢ଼ିଛି । ରାଜ୍ୟର ପ୍ରତି ତିନୋଟି ପରିବାରରୁ ଗୋଟିଏ ପରିବାରର କେହି ନା କେହି ମଦ୍ୟାସକ୍ତ । ବିଶେଷକରି ଯୁବକମାନେ ବହୁ ସଂଖ୍ୟାରେ ମଦ୍ୟାସକ୍ତ ହେତୁ କଂଗ୍ରେସ ଓ ବି.ଜେ.ଡ଼ି ଏହାକୁ ସେମାନଙ୍କ ନିର୍ବାଚନ ଇସ୍ତାହାରରେ ରଖିଲେ ନାହିଁ । ବି.ଜେ.ପି ଏହାକୁ ତାଙ୍କ ନିର୍ବାଚନ ଇସ୍ତାହାରରେ ରଖିଲେ । ବି.ଜେ.ପି ଏହାକୁ ତାଙ୍କ ନିର୍ବାଚନ ଇସ୍ତାହାରରେ ରଖିଲେ ବି କେବଳ ଧର୍ମେନ୍ଦ୍ର ପ୍ରଧାନ ଗୋଟିଏ ସ୍ଥାନରେ ଏହା ଘୋଷଣା କରିଥିଲେ । ଅନ୍ୟ ନେତା କେହି ବି ଏହାକୁ ଉଚ୍ଚାରଣ କଲେନାହିଁ । କାରଣ ଯୁବକଙ୍କ ମଧ୍ୟରେ ପ୍ରାୟ ୨୫ ଶତାଂଶ ମଦ୍ୟପାନ କରୁଛନ୍ତି । ଆଉ ସେମାନଙ୍କୁ ଛାଡ଼ିଦେଲେ ନିର୍ବାଚନ କାର୍ଯ୍ୟାଳୟରେ କାଉ ଉଡ଼ିବେ ଓ ରୋଡ଼ ଶୋ ହୋଇପାରିବ ନାହିଁ । ତେବେ ନିର୍ବାଚନ ତ ସରିଛି; ଏଣିକି ମୁଖ୍ୟମନ୍ତ୍ରୀ ଘୋଷଣା କରନ୍ତୁ ଯେ, ୨୦୨୫ ଏପ୍ରିଲ ପହିଲା ଠାରୁ ସମ୍ପୂର୍ଣ୍ଣ ନିଶା ନିବାରଣ କାର୍ଯ୍ୟକାରୀ ହେବ ଓ ମଦ୍ୟାସକ୍ତମାନେ ମଦ୍ୟପାନ ହାର କମାନ୍ତୁ ଯାହାଫଳରେ ସେତେବେଳକୁ ସେମାନଙ୍କୁ ବିଶେଷ କଷ୍ଟଦାୟକ ହେବନାହିଁ । ଏହାଛଡ଼ା ବେଆଇନ ମଦ କାରବାରକୁ ରୋକିବା ଲାଗି ଦୃଢ ପଦକ୍ଷେପ ନିଅନ୍ତୁ । ଏହା ଲାଭଦାୟକ ବ୍ୟବସାୟ ହୋଇଥିବାରୁ ବହୁଲୋକ ଏହାର ସୁଯୋଗ ନେଉଛନ୍ତି ଓ ଚୋରାମଦ ବ୍ୟବସାୟୀକୁ ଧରିଲେ ସହଜରେ ଖଲାସ ହୋଇଯାଉଛନ୍ତି । କାରଣ ଓଡ଼ିଶା ଅବକାରୀ ଆଇନରେ ଚୋରାମଦ କାରବାର ଜାମିନ ସାପେକ୍ଷ । ଏହାର ପ୍ରତିକାର ସ୍ୱରୂପ ଚୋରା ମଦ କାରବାର ଜାମିନ ବିହୀନ ହେଉ ଓ ଦୋଷ ପ୍ରମାଣ ମିଳିଲେ ଦୋଷୀକୁ କଡ଼ା ଦଣ୍ଡ ମିଳୁ ଯେପରି ସେ ମୁକ୍ତି ପାଇଲେ ପୁଣି ଏ କାରବାର କରିବ ନାହିଁ । ଏ ଦିଗରେ ଓଡ଼ିଶା ଅବକାରୀ ବିଭାଗ ବିହାରରେ ପ୍ରଚଳିତ ବ୍ୟବସ୍ଥାକୁ ଅନୁସରଣ କରନ୍ତୁ ।

ମଦମୁକ୍ତ ଓଡ଼ିଶା ଏକ କଠିନ ବ୍ୟାପାର । ଏହା କେବଳ ସରକାରୀ କଳ ଦ୍ୱାରା ସମ୍ଭବପର ନୁହେଁ । ଏଥିଲାଗି ସମଗ୍ର ସମାଜକୁ ସମ୍ପୃକ୍ତ କରିବାକୁ ହେବ । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏ ଦିଗରେ ଲଗାଇବା ସଙ୍ଗେ ସଙ୍ଗେ ଯୁବ ସମାଜ ଓ ନିଶା ନିବାରଣ କାର୍ଯ୍ୟରେ ସମ୍ପୃକ୍ତ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ଏ ଦିଗରେ ଉପଯୋଗ କରାଯାଉ । ରାଜ୍ୟର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ତଥା ବିଦ୍ୟାଳୟ ମାନଙ୍କରେ ଏ ଦିଗରେ ଚର୍ଚ୍ଚା ହେଉ ତଥା ପାଠ୍ୟ ଖସଡ଼ାରେ ଏହାକୁ ସ୍ଥାନିତ କରାଯାଉ । ରାଜ୍ୟରେ ଧାର୍ମିକ ପ୍ରବଚନ ଦେଉଥିବା ବିଶିଷ୍ଟ ଅନୁଷ୍ଠାନମାନଙ୍କ ସନ୍ଥମାନଙ୍କୁ ଏ ଦିଗରେ ସହଯୋଗ କରିବାକୁ ବିଶେଷ ଅନୁରୋଧ କରାଯାଉ ।

ବିଶେଷ ଦ୍ରଷ୍ଟବ୍ୟ ଯେ, ୧୯୫୬ ମସିହାରୁ ଓଡ଼ିଶା ନିଶା ନିବାରଣ ଆକ୍ଟ ପାରିତ ହୋଇଛି । ଏହା ସହିତ ଆବଶ୍ୟକୀୟ ରୁଲ୍ କେବଳ ପ୍ରସ୍ତୁତ କରି ବିଧାନସଭାରେ ଉପସ୍ଥାପିତ ହେବା ଲାଗି ବାକି ଅଛି । ଏହି ଦିଗରେ ଆପଣଙ୍କର ସକରାତ୍ମକ ପଦକ୍ଷେପ ସମସ୍ୟାର ସମାଧାନ ଦିଗରେ ଏକ ବଳିଷ୍ଠ ଏବଂ ଦୃଢ ପଦକ୍ଷେପ ହେବ ବୋଲି ଆଶା କରୁ ।

(ପଦ୍ମଚରଣ ନାୟକ)
ସଭାପତି, ମୋ:୯୯୩୮୮୯୩୪୫
ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ

**ବି.ଦ୍ର.: ଦୟାକରି ସମସ୍ତ ସାଥୀ ନିଜ ନିଜ ଅଂଚଳର ବିଧାୟକଙ୍କୁ ଏହି ପତ୍ରିକାଟିକୁ ଦେବା ସହ ଏଥି ନିମନ୍ତେ ସହଯୋଗ କରିବାକୁ ନିବେଦନ କରନ୍ତୁ ।**


# 'ମଦମୁକ୍ତ ଓଡ଼ିଶା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା'

କଟକ, ୧୫।୫(ନି.ପ୍ର): ଚଳିତ ନିର୍ବାଚନରେ ରାଜନୈତିକ ଦଳଗୁଡ଼ିକ ମଧ୍ୟରୁ କେବଳ ବିଜେପି ୨୦୨୯ ମଧ୍ୟରେ ଓଡ଼ିଶାକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବ ବୋଲି ଘୋଷଣା କରିଛି । ବିଜେଡିର ୨୪ ବର୍ଷ ଶାସନରେ ଏହା ସମ୍ଭବପର ହୋଇନାହିଁ। ରାଜନୈତିକ ଇଚ୍ଛାଶକ୍ତି ସହିତ ପ୍ରଶାସନ ଓ ଜନସାଧାରଣଙ୍କ ସକ୍ରିୟ ସହଯୋଗ ଆବଶ୍ୟକ। ଯେଉଁ ମହିଳାମାନେ ଏହାଦ୍ୱାରା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ, ସେମାନଙ୍କ ସଙ୍ଗଠିତ ବାହିନୀ 'ସ୍ୱୟଂ ସହାୟକ ଗୋଷ୍ଠୀ'କୁ ଏହି କାର୍ଯ୍ୟରେ ଲଗାଇବା ସଙ୍ଗେ ସଙ୍ଗେ ଶିକ୍ଷାୟତନ ଓ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକ ଏ ଦିଗରେ ସଚେତନତା କରିବା ଆବଶ୍ୟକ। ରାଜ୍ୟରେ ନିଶା ନିବାରଣ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ଏହି କାର୍ଯ୍ୟକ୍ରମକୁ ରାଜ୍ୟର କୋଣ ଅନୁକୋଣରେ ଅଧିକ ବ୍ୟାପକ କଲେ ୫ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ନିଶା ନିବାରଣ ନହୋଇ ପାରିଲେ ବି ବହୁ ମାତ୍ରାରେ କମିବ । ମଦ ବିରୋଧୀ ଆନ୍ଦୋଳନ କରି ୪ ଜଣ ସହିଦ ହୋଇଛନ୍ତି। ହଜାର ହଜାର ମହିଳା ପୁଲିସ ଓ ମଦ ବ୍ୟବସାୟୀଙ୍କ ଗୁଣ୍ଡାଙ୍କ ମାଡ ଖାଇ ବି ଲଢେଇ ଜାରି ରଖିଛନ୍ତି, ସେମାନେ ବିଜେପି ନିର୍ବାଚନ ଇସ୍ତାହାର ଦ୍ୱାରା ଉତ୍ସାହିତ ହୋଇ ସଂଗ୍ରାମ ଜାରି ରଖିବେ ବୋଲି ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ସଭାପତି ପଦ୍ମଚରଣ ନାୟକ କହିଛନ୍ତି।

# ନିଶାନିବାରଣ ଅଭିଯାନ

କଣ୍ଠାପଡ଼ା ୬।୫(ନି.ପ୍ର) : ମଦ ବନ୍ଦ କରିବ ଯିଏ ଆମରି ଭୋଟ ପାଇବ ସିଏ ନାରା ଦେଇ କଣ୍ଠାପଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତ ପରିଭ୍ରମଣ କରିଥିଲେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ସଦସ୍ୟବୃନ୍ଦ। ନିଶା ହଟାଇ ଦେଶ ବଞ୍ଚାଅ ବାର୍ତ୍ତା ମାଧ୍ୟମରେ ଲୋକଙ୍କୁ ସଚେତନ କରାଇବା ସହିତ ପୋଷ୍ଟର ମାରି ଭୋଟର ଭାଇଭଉଣୀଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରୀୟ କମିଟି ସଦସ୍ୟ ପ୍ରିୟନାଥ ଆଚାର୍ଯ୍ୟ, ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ, ଅତିଶ କୁମାର ରାଉତ, ବସନ୍ତ କୁମାର ମଲ୍ଲିକ, ସଚିତ୍ର ନାୟକ ପ୍ରମୁଖ ସାମିଲ ଥିଲେ। ବ୍ଲକର ବରାହିପୁର, ଅଡଶପୁର, ଇଚ୍ଛାପୁର, ସଲେଇ, ମଉଜପୁର ଆଦି ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ହୋଇଥିଲା।






ପ୍ରତିଦିନ ରାଜ୍ୟରେ ଘଟୁଥିବା
ହତ୍ୟା , ଧର୍ଷଣ , ଲୁଣ୍ଠନ
ଅସଦାଚରଣ , ଘରୋଇ ହିଂସା
ପାରିବାରିକ କଳହ , ନାରୀ ନିର୍ଯାତନା
ଓ ସଡ଼କ ଦୁର୍ଘଟଣା ଭଳି
ଜଘନ୍ୟ ଘଟଣାରେ ସରକାରୀ ମଦ
ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି
ତେଣୁ, ନୂଆ ମୁଖ୍ୟମନ୍ତ୍ରୀ ସାର
ମଦ ବନ୍ଦ କର, ଓଡ଼ିଆଙ୍କୁ ରକ୍ଷା କର

# ନିଶାମୁକ୍ତ ଜୀବନ

ସ୍ୱାଭାବିକ ଶାରୀରିକ ତଥା ମାନସିକ ସ୍ଥିତିକୁ ଅସ୍ୱାଭାବିକ ଭାବରେ ପରିବର୍ତ୍ତନ କରୁଥିବା ପଦାର୍ଥଗୁଡ଼ିକୁ ନିଶାଦ୍ରବ୍ୟ କୁହାଯାଏ । ନିକୋଟିନ୍ (ଗୁଟ୍‌ଖା, ସିଗାରେଟ୍), ମଦ, ଭାଙ୍ଗ, ଗଞ୍ଜେଇ, ହିରୋଇନ୍, ଉତ୍ତେଜକ ଦ୍ରବ୍ୟ (ଚା', କଫି) ଅପଭ୍ରମ କରାଯାଉଥିବା ନିଶାଦ୍ରବ୍ୟ, ଶୁଙ୍ଘିବା ନିଶାଦ୍ରବ୍ୟ ଯଥା- ଡେନ୍‌ଡ୍ରାଇଟ୍ (ଅଠା) ଓ ଅକ୍ଷର ଲିଭାଉଥିବା ଧଳା କାଳି ଆଦି ସାଧାରଣତଃ ବହୁଳ ଭାବରେ ବ୍ୟବହୃତ ହୁଏ।


ଡା. ଶୁଭେନ୍ଦୁ ନାରାୟଣ ମିଶ୍ର
ସ୍ନାୟୁ ମାନସିକ ରୋଗ ଓ ନିଶା ନିବାରଣ ବିଶେଷଜ୍ଞ
ସମ୍ ହସ୍ପିଟାଲ, ଭୁବନେଶ୍ୱର

**■ ଭାରତକୁ ନିଶାଦ୍ରବ୍ୟ ଆମଦାନି ହୁଏ କିପରି :**
ମ୍ୟାଁମାର, ଲାଓସ ଏବଂ ଥାଇଲାଣ୍ଡକୁ ସୁବର୍ଣ୍ଣ ତ୍ରିଭୁଜ ଏବଂ ଆଫଗାନିସ୍ତାନ, ଇରାନ ଓ ପାକିସ୍ତାନକୁ ନେଇ ସୁବର୍ଣ୍ଣ ଚାପ କୁହାଯାଏ। ଏହି ସ୍ଥାନ ଦେଇ ଭାରତକୁ ନିଶାଦ୍ରବ୍ୟ ଚୋରା ଚାଲାଣ ହୁଏ ।

**■ କିଛି ବ୍ୟକ୍ତି ନିଶାଦ୍ରବ୍ୟ ବ୍ୟବହାର କାହିଁକି କରନ୍ତି :**
ପ୍ରଚାର ପ୍ରସାରଣ, ବିରକ୍ତି ଭାବକୁ ଦୂର କରିବାର ଇଚ୍ଛା, ଉତ୍ସବ, ମଉଜ ସମୟରେ ଅତି ନିକଟତମ ବ୍ୟକ୍ତିଙ୍କର ପ୍ରରୋଚନା ତଥା ମନ୍ଦ ଅଭ୍ୟାସ ହେତୁ ନିଶାଦ୍ରବ୍ୟର ବ୍ୟବହାର ହୁଏ ।

**■ କେଉଁମାନେ ବିପଦପୂର୍ଣ୍ଣ:**
ଘର ଲୋକମାନଙ୍କ ଅଭ୍ୟାସ, ଅତ୍ୟଧିକ ମାନସିକ ଧକ୍କା, ଅପମାନ ଅଥବା ଛୋଟବେଳେ ଭର୍ତ୍ସନା ବା ଅବହେଳିତ ହୋଇଥିବା ବ୍ୟକ୍ତି, ବିଷାଦ, ଉଦ୍‌ବେଗ ଓ ଶିକ୍ଷା କ୍ଷେତ୍ରରେ ବିଫଳତା, ପ୍ରେମ ବିଫଳତା ।

**■ ନିଶାଦ୍ରବ୍ୟ ବ୍ୟବହାର କଲେ କ'ଣ କ୍ଷତି ହୁଏ :**
ବ୍ୟକ୍ତିଗତ ସୁରକ୍ଷା ଜନିତ ବିପଦ ତଥା ମାତ୍ରାଧିକ ସେବନ ହେତୁ ମୃତ୍ୟୁ, ଦୁର୍ଘଟଣା, ଅଥବା ଆକ୍ରମଣାତ୍ମକ ଆଚରଣ। ଏହାଛଡ଼ା ମସ୍ତିଷ୍କ ବିକୃତି, ଯକୃତ୍ ଖରାପ ହେବା, ମାନସିକ ବିକାରଗ୍ରସ୍ତ ହେବା, ଜେଲଦଣ୍ଡ, ଜୋରିମାନା, ଅପରାଧ, ହେବାର ଆଶଙ୍କା ମଧ୍ୟ ରହିଛି ।

**■ ବିପଦପୂର୍ଣ୍ଣ ଲକ୍ଷଣ :**
ସୁପରିଚିତ କାର୍ଯ୍ୟ ଯଥା- ଖେଳ, ପାଠପଢ଼ିବା, ନିଜ ସଉକରୁ ନିବୃତ୍ତ ରହିବା । ହଠାତ୍ କାର୍ଯ୍ୟକ୍ଷେତ୍ର ବା ଶିକ୍ଷାକ୍ଷେତ୍ରରେ ଉପସ୍ଥାନ ଏବଂ କାର୍ଯ୍ୟକ୍ଷମତାରେ ହ୍ରାସ ଘଟିବା। ଦ୍ରୁତ ଗତିରେ ଗାଡ଼ିଚାଳନା, କାମୁକତା, ଅତ୍ୟଧିକ କ୍ରୋଧିତ ହେବା। ମୋଟାମୋଟି ଭାବେ ବ୍ୟବହାରରେ ପରିବର୍ତ୍ତନ ତଥା ଶାରୀରିକ ଏବଂ ଚେହେରାରେ ଅବନତି ଘଟିବା ।

**■ ଜଣେ ନିଶାଗ୍ରସ୍ତ ବ୍ୟକ୍ତି କିପରି ନିଶାଛାଡ଼ି ଶାନ୍ତିପୂର୍ଣ୍ଣ ଜୀବନଯାପନ କରିପାରିବ :**
ଦୃଢ଼ ଇଚ୍ଛାଶକ୍ତି ଏକ ପ୍ରତିଜ୍ଞାବଦ୍ଧ ଏବଂ ସ୍ୱେଚ୍ଛାକୃତ ବ୍ୟକ୍ତି ପାଖରେ ହିଁ ସମାଧାନର ପଥ ପରିଷ୍କାର ଥାଏ । ସ୍ୱୟଂ ସହାୟକ ଦଳର ସାହାଯ୍ୟ ନେବା, ପାରିବାରିକ ସାହାଯ୍ୟ, ଉତ୍ତମ ବନ୍ଧୁମାନଙ୍କ ସାହାଯ୍ୟ, ନିଶା କବଳରୁ ମୁକୁଳି ଆସିଥିବା ବ୍ୟକ୍ତିମାନଙ୍କ ସହାୟତା କିମ୍ବା ସର୍ବଶେଷରେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶରେ ନିଶାରୁ ଦୂରେଇ ରହିହେବ ।

**■ ନିଶାଗ୍ରସ୍ତ ବ୍ୟକ୍ତିଙ୍କୁ କିପରି ସାହାଯ୍ୟ କରିବା :**
କୌଣସି ନିଶା ବ୍ୟବହାର ନକରିବା, ଏହା ଆଲୋଚନାର ମୂଳମନ୍ତ୍ର ହେବା ଦରକାର । ଘନିଷ୍ଠ ସମ୍ପର୍କୀୟମାନଙ୍କ ଦ୍ୱାରା ମାନସିକ ଚାପ ଦେବା ଉଚିତ । କିଶୋର ପିଲାମାନଙ୍କୁ ସ୍ୱାସ୍ଥ୍ୟକର ପରିବେଶରେ ନିଜର ରୁଚି ଓ ଖେଳକୁଦରେ ସାମିଲ କରିବା ଉଚିତ । ଏହାଛଡ଼ା ନାଚ, ଗୀତ, ଚିତ୍ର ଆଦି କଳାରେ ମନୋନିବେଶ କରାଯିବା ଉଚିତ ।

ଅଭିଭାବକମାନେ ଏହାଜାଣି ରଖିବା ଉଚିତ ଯେ ପ୍ରତ୍ୟେକ ଶିଶୁ ଏକ ଭିନ୍ନ ମଣିଷ, ଏକ ଭିନ୍ନ ପ୍ରତିଭାର ଅଧିକାରୀ । ଏହାକୁ ଅନୁଭବ କରିବା ତଥା ଶିଶୁମାନଙ୍କ ଆକାଂକ୍ଷାକୁ ସୁଯୋଗ ଦେବା ଦ୍ୱାରା ନିଶାଦ୍ରବ୍ୟ ସେବନର ଆଶଙ୍କା ବହୁମାତ୍ରାରେ ପ୍ରତିରୋଧ କରିହେବ । ■

# 'BJP will ban country liquor in Odisha'

**MAYANK BHUSAN PANI** @ Deogarh

AMIDST a charged atmosphere, BJP Lok Sabha candidate for Sambalpur and Union Minister, Dharmendra Pradhan, made a bold pledge to implement country liquor ban if the party comes to power in the state.

Pradhan's campaign trail on Wednesday reached Deogarh constituency where he held public meeting in different blocks and also participated in a padayatra.

Addressing a public gathering at Tileibeni block, Pradhan was speaking on the BJP manifesto when women in the crowd asked him about his stand on free flow of country liquor. Mincing no words, Pradhan denounced the ruling BJD government and said, "If BJP comes to power in Odisha, we will ban country liquor. I cannot see the women of my state suffering due to country liquor consumption by men. The manufacturing and distribution of country liquor will be banned. Restriction will be imposed on its licensing and marketing." He asserted that banning would not only help women but serve as a deterrent to corruption within the government machinery that has been going on in the name of revenue through liquor.

The crowd erupted into cheers and applause as Pradhan's declaration reverberated across the area. His promise to bring justice to the oppressed women struck a chord with many attendees, who expressed their support for the proposed ban.

Pradhan also informed that while Talcher-Bimlagarh railway line work is underway, the survey work on Barkote-Jharsuguda railway line has been completed and the project will begin after the land acquisition, which will be expedited after the BJP comes to power in the state. He also assured several other development schemes in Deogarh including a medical college, hospital, irrigation besides other benefits in their manifesto including increased MSP, more houses under PMAY, Subhadra Yojana for women, bonus to kendu leaf workers, increased allowances to PwD and aged citizens besides employment to the youth.


Pradhan relishing 'Sarsatia' at a tea stall in the midst of campaigning

The union minister also took a dig at the CM during his speech and said, "While the CM is only speaking on videos nowadays, his remote control lies in the hands of his favourite subordinate. Though the people in power are jealous of PM Modi, the faith of people on our PM has increased remarkably."

He appealed for votes to form double-engine government in Odisha.

Earlier in the day Pradhan went campaigning door-to-door in Kunjelpada area in the city. During the campaigning he stopped by to have famous local sweet 'Sarsatia' and tea at a stall in the locality. He also interacted with people and gave them party leaflet.

> **I cannot see the women of my state suffering due to liquor consumption by men. The manufacturing and distribution of country liquor will be banned. Restriction will be imposed on liquor and strong licensing system implemented**
>
> Dharmendra Pradhan, BJP Lok Sabha candidate from Sambalpur

# 'ମଦ ବନ୍ଦ କରିବ ଯିଏ, ଆମ ଭୋଟ ପାଇବ ସିଏ'

ଭୁବନେଶ୍ୱର,୬।୫(ନି.ପ୍ର): 'ମଦ ବନ୍ଦ କରିବ ଯିଏ, ଆମ ଭୋଟ୍ ପାଇବ ସିଏ'- ଏହି ନାରା ଦେଇ ରାଜ୍ୟରେ ଜନ ସଚେତନତା ଆରମ୍ଭ କରିଛି ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ। 'ଆମର ସଙ୍କଳ୍ପ ମଦ ମୁକ୍ତ ଓଡ଼ିଶା'- ଏହି ପୋଷ୍ଟରକୁ ରାଜ୍ୟର ବିଭିନ୍ନ ଜିଲାରେ ଲଗାଉଛନ୍ତି ଅଭିଯାନର କର୍ମକର୍ତ୍ତା। ଏହା ସହିତ ଲୋକଙ୍କୁ ମଦ ବନ୍ଦ କଲେ ଭୋଟ୍ ଦେବାକୁ ପ୍ରବର୍ତ୍ତାଉଛନ୍ତି। ବିଭିନ୍ନ ରାଜନୈତିକ ଦଳର ଇସ୍ତାହାରରେ ରାଜ୍ୟରୁ ମଦ ବନ୍ଦ କରିବାକୁ ଅଭିଯାନ ପକ୍ଷରୁ ଅନୁରୋଧ କରାଯାଇଛି। ଅଭିଯାନର ସଭାପତି ତଥା ପୂର୍ବତନ ବିଧାୟକ ପଦ୍ମଚରଣ ନାୟକ କହିଛନ୍ତି ଯେ, ରାଜ୍ୟରୁ ମଦ ବନ୍ଦ କରିବା ଏକ ମାତ୍ର ଲକ୍ଷ୍ୟ। ନିଶା ଦ୍ୱାରା ସମାଜର ବହୁ କ୍ଷତି ଘଟୁଛି। ଏ ଦିଗରେ ସମସ୍ତେ ସ୍ୱର ଉତ୍ତୋଳନ କରିବା ଦରକାର।



**ଅସଲ କଥା ହେଲା ବିହାର ଭଳି ଏକ ଅର୍ଥନୈତିକ ଦୃଷ୍ଟିରୁ ଦୁର୍ବଳ ରାଜ୍ୟ ଯଦି ବିଗତ ପ୍ରାୟ ଏକ ଦଶନ୍ଧି ଧରି ମଦ-ମୁକ୍ତ ହୋଇ ତିଷ୍ଠି ରହିପାରିଛି, ଓଡ଼ିଶା କାହିଁକି ତାହା କରି ନ ପାରିବ? ନିଶା ନିବାରଣ ଯୋଗୁଁ ନୀତୀଶ କୁମାର ମହିଳା ମତଦାତାମାନଙ୍କର ସମର୍ଥନ ରୂପକ ଯେଉଁ ନିର୍ବାଚନୀ ପୁଞ୍ଜି ହାସଲ କରିପାରିଛନ୍ତି, ଓଡ଼ିଶାରେ ମଧ୍ୟ ତାହା ଉପଲବ୍ଧ ହୋଇପାରିବ। ନିଶା ନିବାରଣ ତେଣୁ ହେଉଛି ଏକ ଜୟ-ଜୟ ବା 'ୱିନ୍-ୱିନ୍' କୌଶଳ, ଯାହାକୁ କାର୍ଯ୍ୟକାରୀ କରିବା ପାଇଁ କେବଳ ଯଥେଷ୍ଟ ସାହସ ଲୋଡ଼ା।**

# ମଦ-ମୁକ୍ତି

ଓଡ଼ିଶାରେ ନୂତନ ବିଜେପି ସରକାର ସାଂବିଧାନିକ ଶପଥ ପାଠ କରି ତାଙ୍କର ବିଧିବଦ୍ଧ ଶାସନ ଆରମ୍ଭ କରିବାର ଠିକ୍ ପରଦିନ ଏହି ସମ୍ବାଦପତ୍ରରେ ପ୍ରକାଶିତ ତାଙ୍କର ଏକ ଲେଖା ମାଧ୍ୟମରେ ଓଡ଼ିଶାକୁ ମଦ-ମୁକ୍ତ କରିବା ପାଇଁ ଆଜୀବନ ସଂଗ୍ରାମ ଚଳାଇ ଆସିଥିବା 'ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ'ର ସଭାପତି ପଦ୍ମଚରଣ ନାୟକ ଏହି ସରକାରଙ୍କୁ ତାଙ୍କର ଏକ ନିର୍ବାଚନୀ ପ୍ରତିଶ୍ରୁତି ସମ୍ବନ୍ଧରେ ସ୍ମରଣ କରାଇ ଦେଇଥିଲେ। ସେଇ ପ୍ରତିଶ୍ରୁତିଟି ହେଲା- ବିଜେପିର ନିର୍ବାଚନ ଇସ୍ତାହାର ଅନୁସାରେ ୨୦୨୯ ସୁଦ୍ଧା, ଅର୍ଥାତ୍ ବର୍ତ୍ତମାନ ଶାସନ ଭାର ଗ୍ରହଣ କରିଥିବା ସରକାରଙ୍କର ପାଞ୍ଚ ବର୍ଷର କାର୍ଯ୍ୟକାଳ ସମାପ୍ତ ହେବା ପୂର୍ବରୁ ଓଡ଼ିଶାକୁ ମଦମୁକ୍ତ କରାଯିବ।

ସରକାର ଯଦି ସତରେ ତାଙ୍କ ଦଳ ଦେଇଥିବା ଏହି ପ୍ରତିଶ୍ରୁତି ପୂରଣ କରିବାକୁ ଚାହୁଁଥାନ୍ତି, ତେବେ ତାଙ୍କୁ ଯେଉଁ ଏକ ଅସୁବିଧାଜନକ ସତ୍ୟର ସମ୍ମୁଖୀନ ହେବାକୁ ପଡ଼ିବ, ତାହା ହେଲା, ଓଡ଼ିଶାରେ ଗୁଜରାଟ ବା ବିହାର ଭଳି ନିଶା ନିବାରଣ ନୀତି କାର୍ଯ୍ୟକାରୀ କରିବାକୁ ହେବ। ଏଠାରେ ସେଭଳି ଏକ ନୀତି କାର୍ଯ୍ୟକାରୀ ନ କରିବା ପାଇଁ ସରକାରଙ୍କୁ ଯାହା ସର୍ବାଧିକ ଆକର୍ଷିତ କରିବ, ତାହା ଅବଶ୍ୟ ହେଉଛି ପଦ୍ମଚରଣ ରହସ୍ୟରେ ବଗର ବର୍ଦ୍ଧିଷ୍ଣୁ ଅଣ୍ଟ ରୂପେ ଅଙ୍ଗୁଳି ନିର୍ଦ୍ଦେଶ କରିଥିବା ମଦ ବ୍ୟବସାୟରୁ ଓଡ଼ିଶା ସରକାର ସଂଗ୍ରହ କରୁଥିବା ରାଜସ୍ୱରେ ସମୟକ୍ରମେ ଘଟିଚାଲିଥିବା ବିସ୍ଫୋରକ ବୃଦ୍ଧି, ଯାହାକୁ କୌଣସି ସରକାର ହାତଛଡ଼ା କରିବା ପାଇଁ କୁଣ୍ଠିତ ହେବା ସ୍ୱାଭାବିକ। କିନ୍ତୁ ଓଡ଼ିଶା ସରକାର ଏହି କାରଣରୁ ଆମ ରାଜ୍ୟରେ ନିଶା ନିବାରଣ କାର୍ଯ୍ୟକାରୀ କରିବା ପାଇଁ ପଛଘୁଞ୍ଚା ଦେବା ଉଚିତ କି ନୁହେଁ, ତାହା ପରଖିବା ପାଇଁ ଆମେ ଦେଶରେ ନିକଟ ଅତୀତରେ ଏହି ନୀତି କାର୍ଯ୍ୟକାରୀ କରିଥିବା ଏକ ଅନୁରୂପ ଭାବରେ ଅର୍ଥନୈତିକ-ପଛୁଆ ତଥା ଜନବହୁଳ ରାଜ୍ୟ ବିହାରର ଏ ସଂପର୍କିତ ଅନୁଭୂତି ଉପରେ ଦୃଷ୍ଟି ନିକ୍ଷେପ କରିବା ବେଶ୍ ଶିକ୍ଷଣୀୟ ହେବ ବୋଲି ଆଶା କରାଯାଇପାରେ।

ବିହାରର ଏହି ଅନୁଭୂତି ସମ୍ବନ୍ଧରେ ଅବଗତ ହେବା ପାଇଁ ସୌଭାଗ୍ୟବଶତଃ ଆମ ପାଖରେ ବର୍ତ୍ତମାନ ଯେଉଁ ଏକ ଅତ୍ୟନ୍ତ ନିର୍ଭରଯୋଗ୍ୟ ସୂତ୍ର ଉପଲବ୍ଧ ହୋଇଛି, ତାହା ହେଉଛି ପୃଥିବୀର ସର୍ବାଧିକ ମର୍ଯ୍ୟାଦାଜନକ ଚିକିତ୍ସାବିଜ୍ଞାନ ପତ୍ରିକାମାନଙ୍କ ମଧ୍ୟରୁ ଅନ୍ୟତମ ରୂପେ ଖ୍ୟାତି ଲାଭ କରିଥିବା ପତ୍ରିକା, ଲଣ୍ଡନ୍‌ରୁ ପ୍ରକାଶିତ 'ଦି ଲାନ୍‌ସେଟ୍'। ଏଇ ମାତ୍ର ଗତ ମାସରେ ଏହି ପତ୍ରିକାରେ ବିହାରରେ ଲାଗୁ କରାଯାଇଥିବା ନିଶା ନିବାରଣ ('ପ୍ରୋହିବିସନ୍')ର ପ୍ରଭାବ ସଂପର୍କରେ ପ୍ରକାଶିତ ଗବେଷଣା ପ୍ରସୂତ ରିପୋର୍ଟ ନିଶା ନିବାରଣ କ୍ଷେତ୍ରରେ ସମସ୍ତ ନୀତିନିର୍ଦ୍ଧାରକମାନଙ୍କ ପାଇଁ ଦିଗଦର୍ଶକ ରୂପେ କାର୍ଯ୍ୟ କରିବା ଉଚିତ। ରିପୋର୍ଟର ଟିକିନିଖି ବୈଷୟିକ ସୂଚନାମାନଙ୍କୁ ଭେଦ କରି ଯେଉଁ ଅଂଶମାନ ଆମ ପାଇଁ ପ୍ରାସଙ୍ଗିକତା ବହନ କରିଥାନ୍ତି, ତାହା ହେଉଛି ଅତି ସଂକ୍ଷେପରେ ନିମ୍ନରେ ଉପସ୍ଥାପନ କରାଯାଇଥିବା ଭଳି।

ନିଜର ନିର୍ବାଚନୀ ପ୍ରତିଶ୍ରୁତି ପୂରଣ ସ୍ୱରୂପ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଉଦ୍ୟମରେ ସେ ରାଜ୍ୟରେ ପ୍ରଣୟନ ଓ ଲାଗୁ କରାଯାଇଥିବା 'ଦି ବିହାର ପ୍ରୋହିବିସନ୍ ଆଣ୍ଡ୍ ଏକ୍‌ସାଇଜ୍ ଆକ୍ଟ' ଅନୁସାରେ ୨୦୧୬ ଏପ୍ରିଲ୍ ଠାରୁ ବିହାରରେ ମଦ ଉତ୍ପାଦନ, ପରିବହନ, ବିକ୍ରୟ ଓ ସେବନ ପ୍ରାୟ ସଂପୂର୍ଣ୍ଣ ବନ୍ଦ ହୋଇଯାଇଛି। ତେର କୋଟିରୁ ଊର୍ଦ୍ଧ୍ୱ ଜନସଂଖ୍ୟାବିଶିଷ୍ଟ ଏହି ରାଜ୍ୟରେ ରାତାରାତି ଏଭଳି ଏକ କଠୋର ନିଶା ନିବାରଣ ନୀତି କାର୍ଯ୍ୟକାରୀ ହୋଇଥିବାରୁ 'ଦି ଲାନ୍‌ସେଟ୍'ର ଗବେଷକମାନେ ଏହି ରାଜ୍ୟକୁ ନିଶା ନିବାରଣର ପ୍ରଭାବ ଅନୁଶୀଳନ ପାଇଁ ଏକ ପ୍ରକୃଷ୍ଟତମ କ୍ଷେତ୍ର ରୂପେ ବିଚାର କରିଛନ୍ତି। ସେମାନେ ଏହି ଅନୁଶୀଳନ ନିମିତ୍ତ 'ଇଣ୍ଡିଆନ୍ ନେସନାଲ୍ ଫ୍ୟାମିଲି ହେଲ୍‌ଥ ସର୍ଭେ', ୨୦୦୫-୦୬, ୨୦୧୫-୧୬, ଓ ୨୦୧୯-୨୧ରୁ ଉପଲବ୍ଧ ପରିସଂଖ୍ୟାନମାନ ବ୍ୟବହାର କରିଛନ୍ତି।

ଗବେଷକମାନେ ଆବିଷ୍କାର କରିଛନ୍ତି ଯେ ନିଶା ନିବାରଣ କଡ଼ାକଡ଼ି ଭାବରେ ଲାଗୁ ହେବା ପରେ ବିହାରରେ ପଡ଼ୋଶୀ ରାଜ୍ୟମାନଙ୍କ ତୁଳନାରେ ପୁରୁଷମାନଙ୍କ ମଧ୍ୟରେ ବାରମ୍ବାର ମଦ୍ୟପାନ ଅଭ୍ୟାସରେ ତୀକ୍ଷ୍ଣ ହ୍ରାସ ଘଟିଛି ଏବଂ ସେଥି ସହିତ ସେମାନଙ୍କ ଠାରେ ଅନ୍ୟ ଗୁରୁତର ବ୍ୟାଧିମାନଙ୍କର ଆବହକ ରୂପେ ସ୍ୱୀକୃତ ମେଦବୃଦ୍ଧି ଓ ମଧୁମେହର ଆବିର୍ଭାବରେ ମଧ୍ୟ ହ୍ରାସ ଘଟିଛି। 'ଦି ଲାନ୍‌ସେଟ୍'ରେ ପ୍ରକାଶିତ ପରିସଂଖ୍ୟାନ ଅନୁସାରେ ମଦ ନିଷେଧ ଯୋଗୁଁ ଗବେଷଣା ସମୟକାଳ ମଧ୍ୟରେ ସେ ରାଜ୍ୟରେ ୨.୪ ନିୟୁତ ସଂଖ୍ୟକ ବାରମ୍ବାର ମଦ୍ୟପାନ ଘଟଣା ପ୍ରତିହତ ହୋଇପାରିଥିବା ବେଳେ ୧.୮ ନିୟୁତ ସଂଖ୍ୟକ ମେଦବୃଦ୍ଧି ଘଟଣା ପ୍ରତିହତ ହୋଇପାରିଛି।

ଉଲ୍ଲେଖଯୋଗ୍ୟ ଯେ ମୁଖ୍ୟତଃ ସେ ରାଜ୍ୟର ମହିଳାମାନଙ୍କୁ ନିଶାସକ୍ତ ପୁରୁଷ ଆତ୍ମୀୟମାନଙ୍କ ହିଂସାଚରଣ ('ଇଣ୍ଟିମେଟ୍ ପାର୍ଟନର୍ ଭାଓଲେନ୍‌ସ'- 'ଆଇପିଭି')ରୁ ସୁରକ୍ଷା ପ୍ରଦାନ କରିବା ପାଇଁ ନୀତୀଶ କୁମାର ସେଠାରେ ନିଶା ନିବାରଣ କାର୍ଯ୍ୟକାରୀ କରିବେ ବୋଲି ନିର୍ବାଚନୀ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଗବେଷକମାନେ ନିଶା ନିବାରଣ ଲାଗୁ ହେବା ପରେ ସେଠାରେ ମହିଳାମାନେ ସମ୍ମୁଖୀନ ହେଉଥିବା ଏଭଳି ହିଂସାଚରଣ ସଂଖ୍ୟାରେ ବିଶେଷ ହ୍ରାସ ଘଟିଥିବା ଆବିଷ୍କାର କରିଥିଲେ। ସେମାନଙ୍କ ଆକଳନ ଅନୁସାରେ ଏହି ସମୟକାଳରେ ନିଶା ନିବାରଣ ଲାଗୁ ହୋଇ ନ ଥିବା ପଡ଼ୋଶୀ ରାଜ୍ୟମାନଙ୍କ ତୁଳନାରେ ବିହାରରେ ୨.୧ ନିୟୁତ ସଂଖ୍ୟକ 'ଆଇପିଭି' ଘଟଣା ପ୍ରତିହତ ହୋଇପାରିଥିଲା।

ରିପୋର୍ଟରେ ଦର୍ଶାଯାଇଛି ଯେ 'ଗ୍ଲୋବାଲ୍ ବର୍ଡନ୍ ଅଫ୍ ଡିଜିଜ୍-୨୦୧୯'ର ର୍‍ୟାଙ୍କିଙ୍ଗ୍ ଅନୁସାରେ ଭାରତରେ ୧୫-୪୯ ବର୍ଷ ବୟସସୀମା ଅନ୍ତର୍ଗତ ବ୍ୟକ୍ତିମାନଙ୍କ ମଧ୍ୟରେ ମୃତ୍ୟୁ ଓ ଶାରୀରିକ ଅକ୍ଷମତାର ଦ୍ୱିତୀୟ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ସମ୍ଭାବ୍ୟ କାରଣ ବା 'ରିସ୍କ ଫ୍ୟାକ୍ଟର୍' ହେଉଛି ମଦ୍ୟପାନ। ଅନ୍ତତଃ ଏଇ ଦୃଷ୍ଟିକୋଣମାନଙ୍କରୁ ବିଚାର କଲେ କେହି ଦ୍ୱିମତ ହେବାର ଅବକାଶ ନାହିଁ ଯେ ନିଶା ନିବାରଣ ଯୋଗୁଁ ସରକାର ହରାଉଥିବା ରାଜସ୍ୱ ଠାରୁ ଏହାଦ୍ୱାରା ସାଧିତ ହେଉଥିବା ଜନମଙ୍ଗଳ ବହୁଗୁଣ ଅଧିକ ହୋଇଥାଏ।

ଯୁକ୍ତି କରାଯାଇଥାଏ ଯେ ନିଶା ନିବାରଣ ଯୋଗୁଁ ମଦର ଚୋରା କାରବାରର ଆବିର୍ଭାବ ଘଟିବ। କିନ୍ତୁ ମନେ ରଖିବା କଥା ସହଜରେ ମଦ ମିଳୁଥିବାରୁ ବର୍ତ୍ତମାନ ପଦ୍ମଚରଣ କହିଥିବା ଭଳି ଓଡ଼ିଶାର ଗାଁ ଗହଳିରେ ମଧ୍ୟ ଯେଉଁଭଳି ମଦ୍ୟପାନ ଏକ ସାଧାରଣ ଅଭ୍ୟାସରେ ପରିଣତ ହୋଇଗଲାଣି, ମଦ୍ୟ ପାନ, ଉତ୍ପାଦନ ଓ ବିତରଣ ଅପରାଧରେ ପରିଣତ ହେବା ପରେ ସେଥିରେ ଅନ୍ତ ଘଟି ଅନ୍ୟ ଯେ କୌଣସି ଅପରାଧ ଭଳି ମଦ୍ୟପାନ ଆଉ ଏକ ସାଧାରଣ ଘଟଣା ନ ହୋଇ ଏକ ବ୍ୟତିକ୍ରମରେ ପରିଣତ ହେବ। ଏବଂ ଯଦି ଅର୍ଥନୈତିକ ଦୃଷ୍ଟିକୋଣରୁ ଦେଖାଯାଏ, ମଦ ବନ୍ଦ ହୋଇଗଲେ ତା' ଉପରେ ହେଉଥିବା ଖର୍ଚ୍ଚର ଦିଗ ପରିବର୍ତ୍ତନ ଘଟି ହୁଏତ ଅନ୍ୟାନ୍ୟ ବିଳାସ ଦ୍ରବ୍ୟ ଓ ସେବାମାନଙ୍କ ଦିଗରେ ମୁହାଁଇ ଅର୍ଥନୈତିକ ଅଭିବୃଦ୍ଧିକୁ ସହାୟକ ହେବ, ଯେଉଁଥିରୁ ଟିକସ ସଂଗୃହୀତ ହୋଇ ଶେଷରେ ରାଜକୋଷର କ୍ଷତି ଭରଣା କରିବ। ନିଶାମୁକ୍ତ ଶ୍ରମ ଶକ୍ତିର ଉତ୍ପାଦନଶୀଳତାରେ ବୃଦ୍ଧି ଘଟି ଅର୍ଥନୀତିକୁ ମଜଭୁତ କରିବ ମଧ୍ୟ।

ଅସଲ କଥା ହେଲା ବିହାର ଭଳି ଏକ ଅର୍ଥନୈତିକ ଦୃଷ୍ଟିରୁ ଦୁର୍ବଳ ରାଜ୍ୟ ଯଦି ବିଗତ ପ୍ରାୟ ଏକ ଦଶନ୍ଧି ଧରି ମଦ-ମୁକ୍ତ ହୋଇ ତିଷ୍ଠି ରହିପାରିଛି, ଓଡ଼ିଶା କାହିଁକି ତାହା କରି ନ ପାରିବ? ନିଶା ନିବାରଣ ଯୋଗୁଁ ନୀତୀଶ କୁମାର ମହିଳା ମତଦାତାମାନଙ୍କର ସମର୍ଥନ ରୂପକ ଯେଉଁ ନିର୍ବାଚନୀ ପୁଞ୍ଜି ହାସଲ କରିପାରିଛନ୍ତି, ଓଡ଼ିଶାରେ ମଧ୍ୟ ତାହା ଉପଲବ୍ଧ ହୋଇପାରିବ। ନିଶା ନିବାରଣ ତେଣୁ ହେଉଛି ଏକ ଜୟ-ଜୟ ବା 'ୱିନ୍-ୱିନ୍' କୌଶଳ, ଯାହାକୁ କାର୍ଯ୍ୟକାରୀ କରିବା ପାଇଁ କେବଳ ଯଥେଷ୍ଟ ସାହସ ଲୋଡ଼ା।

**ରାଜ୍ୟର ବହୁଳ ପ୍ରସାରିତ ଦୈନିକ 'ସମ୍ବାଦ'ର ୨୫/୦୬/୨୦୨୪ରେ ପ୍ରକାଶିତ ଉପରୋକ୍ତ ସମ୍ପାଦକୀୟ ଲେଖାଟି ଏକ ଐତିହାସିକ ଦସ୍ତାବିଜ୍ ଭାବରେ ସମସ୍ତ ମଦ ବିରୋଧୀ ଶକ୍ତି ତଥା ବିଶେଷ କରି "ମୋନା" ର ବିଗତ ୧୧ବର୍ଷ ଧରି ଅବିରତ ସଂଗ୍ରାମରତ ସମସ୍ତସାଥୀ ସ୍ୱେଚ୍ଛାସେବୀଙ୍କ ନିମନ୍ତେ ଏକ ଉତ୍ସାହବର୍ଦ୍ଧକ ଆହ୍ୱାନ ଭାବରେ ଗ୍ରହଣ କରାଯିବ।**

# ନିଶା ନିବାରଣ ଅଭିଯାନ କର୍ମୀଙ୍କ ପକ୍ଷରୁ ସଚେତନତା




ଆଳି,୫/୫(ଇମିସ): ଆଳି ବ୍ଲକ୍‌ର ବିଭିନ୍ନ ବଜାର ଓ ଛକ ମାନଙ୍କରେ ପ୍ରାକ୍ ନିର୍ବାଚନୀ ମଦ ବିରୋଧୀ ପୋଷ୍ଟର ଲଗାଯାଇଛି।ମିଳିତ ଓଡିଶା ନିଶା ନିବାରଣ ଅଭିଯାନ ଆହ୍ୱାନରେ ଆଳି ବ୍ଲକ ଶାଖା ପକ୍ଷରୁ କୈଳାସ ଚନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ ବୀରେନ୍ଦ୍ର କୁମାର ପଣ୍ଡା, ଗୋବିନ୍ଦ ଚନ୍ଦ୍ର ନନ୍ଦ, ସୁହାନା ବେଗମ, ବିଦ୍ୟାଧର ପଣ୍ଡା, ସଚିତ୍ର ନାୟକ ପ୍ରମୁଖ ଆଳି ବଜାର, ଶାସନ ଛକ, ନିଆଳ ହାଟ, ଚଣ୍ଡୀ ବଜାର, ମାଳାପାଟଣା,ସିଙ୍ଗିରି ବଜାର, ମହାସାହାଣୀ, ପତ୍ରପୁର ବଜାର, ସହିରା ଛକ, ବାଟିପଡ଼ା ବଜାର, ସନମଙ୍ଗ, ଭୂଇଁପୁର ବଜାର, ମାନପୁର, ଅର୍ଗଳ ଛକ, ମାହାରକୁଳ ଛକ, ମଧୁବନ, ଗୋବିନ୍ଦପୁର ବଜାର, ମେଡିକାଲ ଛକ, ବଡ଼ାମ୍ବିଳା ଛକ, ମହାରାଜ ମଠ ଛକ ଆଦି ଅଞ୍ଚଳରେ ସାଧାରଣ ନିର୍ବାଚନ ପୂର୍ବରୁ ବିଭିନ୍ନ ରାଜନୈତିକ ଦଳର ନେତୃତ୍ୱମାନଙ୍କୁ ମଦ ବନ୍ଦ କରିବ ଯିଏ ଆମର ଭୋଟ ପାଇବ ସିଏ।ଆମର ସଂକଳ୍ପ ମଦ ମୁକ୍ତ ଓଡିଶାର ପୋଷ୍ଟର ଲଗାଇ ମଦ ବିରୋଧରେ ଜନ ସଚେତନତା ସୃଷ୍ଟି କରାଯାଇଛି।

# ନିଶା ନିବାରଣ ଦିବସରେ ପ୍ରଶାସନ ନିଷ୍ପତ୍ତିକୁ ଅପେକ୍ଷା

**ଜଳେଶ୍ୱର,୨୪।୬(ସମିସ):** ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ଚୋରା ନିଶା ସାମଗ୍ରୀ ସମ୍ପର୍କିତ ଖବର ସବୁ ବେଳେ ଗଣମାଧ୍ୟମର ଶିରୋନାମାରେ ରହୁଥିଲା। ଏପରିକି କେଜିକେଜି ଧଳା ଜହର, ବସ୍ତାବସ୍ତା ଗଞ୍ଜେଇ ଚୋରା ମଦ ବାରମ୍ବାର ଜବତ୍ ହେଉଥିଲା। ମଦ, ବ୍ରାଉନସୁଗର, ଗଞ୍ଜେଇ ସମେତ ଅନ୍ୟାନ୍ୟ ନିଶା ସାମଗ୍ରୀର ଲଗାମ ଛଡ଼ା ପ୍ରସାର ଯୋଗୁଁ ରାଜ୍ୟରେ ବଳାତ୍କାର, ହତ୍ୟା, ଚୋରି, ଡକାୟତି, ମାରପିଟ, ନାରୀ ଓ ଶିଶୁ ନିର୍ଯାତନା ସମେତ ବିଭିନ୍ନ ପ୍ରକାର ଅପରାଧ ବଢୁଛି। ଜଳେଶ୍ୱର ଏକ ପଶ୍ଚିମବଙ୍ଗ ସୀମାବର୍ତ୍ତୀ ସମ୍ବେଦନଶୀଳ ଅଞ୍ଚଳ ହୋଇଥିବାରୁ ନିଶା ପ୍ରସାରଣ ଯୋଗୁଁ ଆତ୍ମହତ୍ୟା, ସଡ଼କ ଦୁର୍ଘଟଣା, ରୋଗ ବ୍ୟାଧି, ଆର୍ଥିକ ଅଧୋଗତି ଆଦି ବୃଦ୍ଧି ପାଇ ବ୍ୟାପକ ଧନଜୀବନ ନଷ୍ଟ ହେଉଛି। ବ୍ୟକ୍ତି, ପରିବାର, ସମାଜ, ରାଜ୍ୟ ଓ ଦେଶର ପ୍ରଗତି ଉପରେ ଏହାର ସିଧା ସଳଖ କୁପ୍ରଭାବ ପଡୁଛି। ଏହା ସହିତ ସ୍ୱଳ୍ପ ସଂଖ୍ୟକ ପୁଲିସ ବାହିନୀ, ଡ୍ରଗ୍ସ ସ୍କ୍ୱାଡ, ଅବକାରୀ ବିଭାଗ ପାଖରେ ପର୍ଯ୍ୟାପ୍ତ ଭିତ୍ତିଭୂମିର ଅଭାବ ପରିଲକ୍ଷିତ ହେଉଛି। ଆଗରୁ ବହୁ ବ୍ୟବସ୍ଥା ରହିଥିଲେ ମଧ୍ୟ ତାହାକୁ ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନଥିବା ଅଭିଯୋଗ ହେଉଥିଲା। ନିଶା ପ୍ରସାରଣ ଯୋଗୁଁ କିଶୋର ଯୁବକଙ୍କ ଭବିଷ୍ୟତ ନଷ୍ଟ ସହିତ ବେକାରୀ ଓ ବେରୋଜଗାରୀ ବୃଦ୍ଧି ପାଉଛି। ଜଳେଶ୍ୱର ବ୍ଲକ ବିଶେଷତ ଆଦିବାସୀ ବହୁଳ ଅଞ୍ଚଳ ଭାବେ ଜଣାଶୁଣା। ଗରୀବନୀରିହ ଆଦିବାସୀଙ୍କୁ ନିଶାଗ୍ରସ୍ତ କରାଇ କାର୍ଯ୍ୟ ହାସଲ କରିବା ଓ ଜମି ଡିହ ହରଣ କରିବା ଆଦି ଅନେକେ ଘଟଣା ନଜିର ରହିଛି। ପ୍ରଶାସନ ପକ୍ଷରୁ ତମାଖୁ ଓ ଗୁଟ୍‌ଖା ଇତ୍ୟାଦି ନିୟନ୍ତ୍ରଣ ପାଇଁ ୨୦୧୨ ମସିହାରୁ ବ୍ୟବସ୍ଥା କରିଥିଲେ ମଧ ଏଯାବତ୍ ତାହାର କଡ଼ାକଡ଼ି ଅନୁପାଳନ ହେଉନାହିଁ। ଅଞ୍ଚଳରେ ଏହି ସାମଗ୍ରୀର ବ୍ୟାପକ ବ୍ୟବହାର ଫଳରେ ମୁଖ ଗହ୍ୱର କର୍କଟ, ଫୁସଫୁସ ଜନିତ ବହୁ ରୋଗ ହେବା ସହିତ, ପ୍ରସ୍ତୁତି ଓ ବିପଣନ ଖୁଲମଖୁଲା ହେଉଛି। ତେଣୁ ସମୟଆସିଛି, ଶିକ୍ଷିତ ସୁସ୍ଥ, ଶାନ୍ତ ଓ ପ୍ରଗତିଶୀଳ ସମାଜ ଗଠନ ପାଇଁ ନିଶାମୁକ୍ତ ପରିବେଶ ନିତ୍ୟାନ୍ତ ଅପରିହାର୍ଯ୍ୟ।

THE SAKALA

# ମଦମୁକ୍ତ ଓଡ଼ିଶାର ପ୍ରତିଶ୍ରୁତି

ମଦ ବିରୋଧରେ ବାରମ୍ବାର ଆନ୍ଦୋଳନ ହୋଇଥିଲେ ମଧ୍ୟ ଏହା ପୂର୍ବର ରାଜ୍ୟ ସରକାର ଏହା ଉପରେ ଆଦୌ ଗୁରୁତ୍ୱ ଦେଇ ନଥିଲେ। ବରଂ ରାଜ୍ୟରେ ମଦ କାରବାରକୁ ପ୍ରୋତ୍ସାହନ ଦିଆଯାଉଥିଲା। ବର୍ତ୍ତମାନ ରାଜ୍ୟରେ ବିଜେପି ସରକାର ଶାସନ କ୍ଷମତାକୁ ଆସିଥିବା ବେଳେ ନିର୍ବାଚନ ପୂର୍ବରୁ ବିଜେପି ଇସ୍ତାହାରରେ ପ୍ରଦତ୍ତ ପ୍ରତିଶ୍ରୁତି ଅନୁସାରେ ମଦ କାରବାରକୁ ବନ୍ଦ କରନ୍ତୁ। ଆସନ୍ତା ଅଗଷ୍ଟ ୧୫ ତାରିଖରୁ ଓଡ଼ିଶାରେ ମଦ କାରବାର ବନ୍ଦ କରାଯିବ ବୋଲି ସୋସିଆଲ ମିଡିଆରେ ଏକ ପୋଷ୍ଟ୍ ଭାଇରାଲ୍ ହେବାରେ ଲାଗିଛି। ଏ ପ୍ରସଙ୍ଗ ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ମଦ ବନ୍ଦ ହୋଇଗଲେ ରାଜସ୍ୱ କ୍ଷତି ଘଟିପାରେ। ତାହାର ଭରଣା ଲାଗି ଅନ୍ୟ ରାଜସ୍ୱ ଉତ୍ସ ରହିଛି, ଯାହା ସରକାର ବିଚାର କରିବେ। ଗୁଜରାଟ ଓ ବିହାରରେ ମଦ ନିଷେଧ କରାଯାଇଛି। ତେଣୁ ରାଜସ୍ୱ ହାନି ବିଷୟ ବିଶେଷ ସମସ୍ୟା ସୃଷ୍ଟି କରିବା କଥା ନୁହେଁ। କିନ୍ତୁ ଏକ ବଡ଼ ବିପଦ ହେଲା ଏଭଳି ହେଲେଚୋରା ମଦ କାରବାର ବୃଦ୍ଧି ପାଇବ, ଅପମିଶ୍ରିତ ମଦ ଚୋରାରେ ଉପଲବ୍ଧ ହେବ, ମଦର ବିକ୍ରି କଳାବଜାରରେ ଚାଲିବ। ଏହାକୁ ନିୟନ୍ତ୍ରଣ କରିବା ଦିଗରେ ମଧ୍ୟ ଉଦ୍ୟମ ହେବା ଦରକାର।

ବିଷ୍ଣୁପ୍ରସାଦ ମହାରଣା
ବାଜିଚୌକ, ଢେଙ୍କାନାଳ

# ନିଶା ସେବନରେ ଭୁବନେଶ୍ୱର ଦେଶରେ ତୃତୀୟ

ଭୁବନେଶ୍ୱର, ୪/୩ (ଇମିସ) : ନିଶାରେ ଝୁମୁଛନ୍ତି ଭୁବନେଶ୍ୱରର ଯୁବପିଢ଼ି। କେବଳ ତମାଖୁ ନୁହେଁ, ଯେତେସବୁ ପ୍ରକାର ନିଶା ବଜାରରେ ଉପଲବ୍ଧ ହେଉଛି ସେସବୁର ସେବନ ହେଉଛି ଭୁବନେଶ୍ୱର ଆଖପାଖ ଅଂଚଳରେ। ପ୍ରମୁଖତାରେ ରହିଛି ମଦ ଓ ଗଞ୍ଜେଇ। ନିଶାଦ୍ରବ୍ୟର ସେବନରେ ରାଜଧାନୀ ଭୁବନେଶ୍ୱର ଦେଶରେ ତୃତୀୟ ସ୍ଥାନରେ ରହିଛି। ଭୁବନେଶ୍ୱରର ୩୭% ଯୁବପିଢି ବିଭିନ୍ନ ନିଶାଦ୍ରବ୍ୟର ସେବନ କରୁଥିବା ବେଳେ ଚେନ୍ନାଇରେ ୪୬.୩% ଓ ବେଙ୍ଗାଲୁରୁ ୫୪.୫% ସହ ଶୀର୍ଷରେ ରହିଛି। ନିକଟରେ ଦେଶର ୧୫ଟି ରାଜ୍ୟରେ ହୋଇଥିବା ଗବେଷଣାରୁ ଏଭଳି ତଥ୍ୟ ସାମ୍ନାକୁ ଆସିଛି। କେମ୍ବ୍ରିଜ୍ ପ୍ରିଜିମ୍‌ସ: ଗ୍ଲୋବାଲ ମେଣ୍ଟାଲ୍ ହେଲ୍‌ଥରେ ଏ ସମ୍ପର୍କିତ ରିପୋର୍ଟ ସ୍ଥାନ ପାଇଛି।

ବିଶ୍ୱରେ ତମାଖୁ ସେବନରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ବିଶେଷ କରି ଯୁବାବସ୍ଥାରେ ଏହାର ସେବନ ଅଧିକ ଦେଖିବାକୁ ମିଳୁଛି। ବିଭିନ୍ନ ପ୍ରକାର ନିଶାଦ୍ରବ୍ୟ ଯେପରି ତମାଖୁ, ମଦ, କୋକେନ୍, ହେରୋଇନ, ମେଥାମ୍ଫେଟାମାଇନ୍‌ସ, ହଲୁସିନୋଜେନ୍‌ସ ଓ ଏକ୍ସଟାସିକୁ ଗ୍ରହଣ କରୁଛନ୍ତି ଯୁବପିଢ଼ି। ଯାହାକି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣୁଛି। ୨୦୨୨ ମସିହା ମାର୍ଚ୍ଚରୁ ଅକ୍ଟୋବର ମାସରେ ୧୫ଟି ରାଜ୍ୟର ଗୋଟିଏ ଲେଖାଏ ମେଡିକାଲ କଲେଜରୁ ଏହି ତଥ୍ୟ ସଂଗ୍ରହ ହୋଇଥିଲା।

# ସଦ୍ୟ ସମାପ୍ତ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ରାଜ୍ୟ ବିଜେପି ର ସଂକଳ୍ପପତ୍ର ପୃଷ୍ଠା ୩୮ରେ ସ୍ଥାନିତ ସଂକଳ୍ପ :

## ଆମର ସଂକଳ୍ପ

୧୦. ଆମେ ୨୦୨୯ ସୁଦ୍ଧା ନିଶାମୁକ୍ତ ଓଡ଼ିଶା ସୃଷ୍ଟି କରିବୁ ଏବଂ ଧାରା ୪୭ କୁ କଡ଼ାକଡ଼ି ଭାବରେ କାର୍ଯ୍ୟକାରୀ କରି ବିଷାକ୍ତ ପାନୀୟ ତଥା ଡ୍ରଗ୍ସକୁ ନିୟନ୍ତ୍ରଣ କରିବୁ ଏବଂ ସଚେତନା ଅଭିଯାନ ତଥା ନିଶା ନିବାରଣ କେନ୍ଦ୍ରଗୁଡିକ ଗଠନ କରି "ଉତ୍କୃଷ୍ଟ ଜୀବନ" ପଦକ୍ଷେପ ଆରମ୍ଭ କରିବୁ।

*ବି.ଜେ.ପି.ର ସଂକଳ୍ପପତ୍ରରେ ସ୍ଥାନିତ ଆମ ସମ୍ବିଧାନର ଧାରା-୪୭ରେ ଲେଖାଥିବା ନିମ୍ନୋକ୍ତ (ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ) ବିବରଣୀ ସମସ୍ତଙ୍କ ଗୋଚରାର୍ଥେ ଦିଆଗଲା, ଯେଉଁଥିରେ ସ୍ପଷ୍ଟ ଭାବରେ ବିଷାକ୍ତ ପାନୀୟ (ମଦ)କୁ ସମ୍ପୂର୍ଣ୍ଣ ନିଷେଧ କରିବା ନିମନ୍ତେ ରାଜ୍ୟକୁ ଦାୟିତ୍ୱ ଦିଆଯାଇଛି।*

***47. Duty of the State to raise the level of nutrition and the standard of living and to improve public health.— The State shall regard the raising of the level of nutrition and the standard of living of its people and the improvement of public health as among its primary duties and, in particular, the State shall endeavour to bring about prohibition of the consumption except for medicinal purposes of intoxicating drinks and of drugs which are injurious to health***

୪୭। ରାଜ୍ୟ ନିଜର ଲୋକଙ୍କର ଆହାର ପୃଷ୍ଟିର ସ୍ତର ଓ ଜୀବନଯାତ୍ରାର ମାନର ଉନ୍ନୟନ ତଥା ସାର୍ବଜନିନ ସ୍ୱାସ୍ଥ୍ୟର ଉନ୍ନତି ନିଜର ପ୍ରାଥମିକ କର୍ତ୍ତବ୍ୟମାନଙ୍କର ଅନ୍ତର୍ଗତ ବୋଲି ମନେ କରିବ ଏବଂ ବିଶେଷତଃ ମାଦକ, ପେୟ ଓ ସ୍ୱାସ୍ଥ୍ୟ ହାନିକର ଔଷଧମାନଙ୍କର ଔଷଧ ସମ୍ବନ୍ଧୀୟ ବ୍ୟବହାର ବ୍ୟତୀତ ଅନ୍ୟ ପ୍ରକାର ସେବନକୁ ନିବାରଣ କରିବାର ପ୍ରୟାସ କରିବ।

# MONA decries move to open liquor shops in K'put



PNS ■ BHUBANESWAR

The news of the opening of eight local liquor shops in Koraput by the new BJP Government in the State which came to power with an election promise to completely ban alcohol and other addictions from the State by 2029 has surprised the public. The MONA (Milita Odisha Nishanibaran Abhiyan) has condemned the move and held a protest here.

The programme was led by MONA vice president Vijay Kumar Swain, while activists Khageshwar Bala, Aparna Naik, Kanak Bhanj, Gitanjali Swain, Ramakant Mandal, Malay Tripathi, Indumati Sahu, Vinod Bihari Prusty on behalf of Khodhazilla Organization, Yunneta Durga Prasad Das, and Shubhendu Rautharai were present. "The BJP that formed the State Government, as per its election promise, has said to respect Article 47 of the Constitution and take immediate concrete steps towards banning liquor in the State. But the present move is contradictory to its stand against liquor and hence, unfortunate," said Swain.







# କୋରାପୁଟରେ ପ୍ରସ୍ତାବିତ ମଦ ଦୋକାନକୁ ମୋନାର ବିରୋଧ

ଭୁବନେଶ୍ୱର, ୩୦/୬(ଇମିସ): ମଦ ଓ ଅନ୍ୟାନ୍ୟ ନିଶାକୁ ରାଜ୍ୟରୁ ୨୦୨୯ ମସିହା ସୁଦ୍ଧା ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ନିର୍ବାଚନୀ ପ୍ରତିଶ୍ରୁତି ଦେଇ ଶାସନ କ୍ଷମତାକୁ ଆସିଥିବା ସରକାର ଏବେ କୋରାପୁଟରେ ୮ଟି ଦେଶୀ ମଦ ଦୋକାନ ଖୋଲିବା ଖବର ଜନସାଧାରଣଙ୍କୁ ଆଚମ୍ବିତ କରିଛି। ଏହି ନିଷ୍ପତ୍ତିର ପ୍ରତିବାଦ ଜଣାଇ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ର କର୍ମୀମାନେ ବ୍ୟାନର ଧରି ଶାନ୍ତିପୂର୍ଣ୍ଣ ଭାବେ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା ସଭାସ୍ଥଳର ମୁଖ୍ୟ ଫାଟକ ନିକଟରେ ଛିଡ଼ା ହୋଇଥିଲେ। କିଛି ସମୟ ପରେ ପୁଲିସ ସେମାନଙ୍କୁ ଖାରବେଳନଗର ଥାନାକୁ ନେଇ ଯାଇ ସେଠାରେ ପ୍ରାୟ ୨ ଘଣ୍ଟା ଅଟକ ରଖିଥିଲା। ପୁଲିସର ଏହି କାର୍ଯ୍ୟାନୁଷ୍ଠାନକୁ ମୋନା ପକ୍ଷରୁ ନିନ୍ଦା କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୋନାର ଉପସଭାପତି ବିଜୟ କୁମାର ସ୍ୱାଇଁ, ଖଗେଶ୍ୱର ବଳ, ରାଜ୍ୟ ମହିଳା ସଂଗଠନ ସମ୍ପାଦିକା ଅପର୍ଣ୍ଣା ନାୟକ, କନକ ଭଞ୍ଜ, ଗୀତାଞ୍ଜଳି ସ୍ୱାଇଁ, ରମାକାନ୍ତ ମଣ୍ଡଳ, ମଳୟ ତ୍ରିପାଠୀ, ଇନ୍ଦୁମତୀ ସାହୁ, ବିନୋଦ ବିହାରୀ ପୃଷ୍ଟି, ଦୁର୍ଗା ପ୍ରସାଦ ଦାସ, ଶୁଭେନ୍ଦୁ ରାଉତରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସରକାର ତାଙ୍କ ନିର୍ବାଚନୀ ପ୍ରତିଶ୍ରୁତି ଅନୁସାରେ ସମ୍ବିଧାନର ଧାରା ୪୭କୁ ସମ୍ମାନ ଜଣାଇ ରାଜ୍ୟରେ ନିଶା ନିବାରଣ ଦିଗରେ ତୁରନ୍ତ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ପାଇଁ ମୋନାର ସଭାପତି ପଦ୍ମଚରଣ ନାୟକ ଦାବି କରିଛନ୍ତି।



## "ମୋନା" ରାଜ୍ୟ କମିଟିର କର୍ମକର୍ତାବୃନ୍ଦଙ୍କୁ ଯୋଗାଯୋଗ ନିମନ୍ତେ ନିମ୍ନୋକ୍ତ ଫୋନ୍ ନମ୍ବର ଦିଆଗଲା

| | | |
|---|---|---|
| ସଭାପତି | ଶ୍ରୀଯୁକ୍ତ ପଦ୍ମଚରଣ ନାୟକ | ୯୯୩୮୮୯୩୪୪୫ |
| କାର୍ଯ୍ୟକାରୀ ସଭାପତି | ଶ୍ରୀ କାହ୍ନୁଚରଣ ବେହୁରା | ୯୪୩୯୦୪୪୩୬୪ |
| ଉପସଭାପତି | ପ୍ରଫେ.ଡଃ ଅଦ୍ୱୈତ କୁମାର ପାତ୍ର | ୯୪୩୯୧୭୫୭୪୩ |
| ଉପସଭାପତି | ପ୍ରଫେ. ଡଃ ବିଜୟ କୁମାର ସ୍ୱାଇଁ | ୯୪୩୭୦୫୫୦୫୮ |
| ଉପସଭାପତି | ଶ୍ରୀ ଅର୍ଜୁନ ସାମନ୍ତରାୟ | ୭୯୭୮୬୮୮୭୮୦ |
| ଉପସଭାପତି | ଶ୍ରୀ ଖଗେଶ୍ୱର ବଳ | ୯୯୩୭୧୨୭୨୮୯ |
| ଉପସଭାପତି | ସୁଶ୍ରୀ କବିତାରାଣୀ ପରିଡ଼ା | ୯୪୩୯୫୬୯୦୬୬ |
| ମହାସଚିବ | ଶ୍ରୀ ଗିରିଜା ପ୍ରସାଦ ନାୟକ | ୯୯୩୭୧୯୪୪୫୧ |
| ସଚିବ (ସାଧାରଣ) | ଶ୍ରୀ ରମାକାନ୍ତ ମଣ୍ଡଳ | ୯୪୩୭୬୬୯୪୧୨ |
| ସଚିବ (ସଂଗଠନ) | ଶ୍ରୀ ମନମୋହନ ମିଶ୍ର | ୭୦୭୭୯୫୭୦୪୬ |
| ସଚିବ (ମହିଳା ଶାଖା) | ଶ୍ରୀମତୀ ଅପର୍ଣ୍ଣା ନାୟକ | ୮୭୬୩୬୬୯୫୭୨ |
| ସଚିବ (ସାମାଜିକ ଗଣମାଧ୍ୟମ) | ଶ୍ରୀ ମଧୁସୂଦନ ମିଶ୍ର | ୯୪୩୮୫୯୦୬୪୧ |
| ସଚିବ (କାର୍ଯ୍ୟାଳୟ) | ଶ୍ରୀ ଶୁଭେନ୍ଦୁ କୁମାର ରାଉତରାୟ | ୯୪୩୭୧୦୭୪୨୭ |
| ସଚିବ (ପ୍ରକାଶନ) | ଶ୍ରୀ କୈଳାସ ଚନ୍ଦ୍ର ମଲ୍ଲିକ | ୯୮୬୧୬୨୦୧୦୫ |
| ସଚିବ (ସଂଗଠନ) | ଶ୍ରୀମତୀ ତପସ୍ୱିନୀ କର | ୯୯୩୮୨୪୫୩୫୦ |
| ସଚିବ (ସଂଗଠନ) | ଶ୍ରୀମତୀ ପାର୍ବତୀ ନାଏକ | ୯୪୩୭୨୭୫୫୪୪ |
| କୋଷାଧ୍ୟକ୍ଷ | ଶ୍ରୀ ପ୍ରିୟନାଥ ଆଚାର୍ଯ୍ୟ | ୭୭୫୦୯୫୧୩୯୭ |
| ଆକାଉଣ୍ଟାଣ୍ଟ୍ | ଶ୍ରୀମତୀ ଇନ୍ଦୁମତୀ ସାହୁ | ୮୮୯୫୨୧୦୪୨୨ |

ପ୍ରକାଶକ : ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନ (ମୋନା)
ପ୍ଲଟ ନଂ: ୮୫୩/୧୪୩୧, ପ୍ରଗତି ନର୍ସିଂହୋମ (୨ୟ ମହଲା),
ମଧୁସୂଦନ ନଗର, ୟୁନିଟ୍-୪, ଭୁବନେଶ୍ୱର-୭୫୧୦୦୧, ଓଡ଼ିଶା
e-mail : monnaodisha@gmail.com,
web : www.monnaodisha.com

ଆମର ସଂକଳ୍ପ
ମଦମୁକ୍ତ ଓଡ଼ିଶା

ମୁଖ୍ୟ ସମ୍ପାଦକ : ପଦ୍ମଚରଣ ନାୟକ (ମୋ: ୯୯୩୮୮୯୩୪୪୫)
ଏହି ସଂଖ୍ୟାର କାର୍ଯ୍ୟକାରୀ ସମ୍ପାଦନା ମଣ୍ଡଳୀ :
ସର୍ବଶ୍ରୀ କୈଳାସ ଚନ୍ଦ୍ର ମଲ୍ଲିକ, ପ୍ରିୟନାଥ ଆଚାର୍ଯ୍ୟ, ମଳୟ କୁମାର ତ୍ରିପାଠୀ
ଯୋଗଯୋଗ : ୯୮୬୧୬୨୦୧୦୫, ୯୪୩୮୦୦୫୫୩୩, ୯୦୪୦୭୩୩୧୦୭

ସ୍କୁଲ କଲେଜ୍‌ରେ ଶିକ୍ଷକ ନାହିଁ - ମଦ ପ୍ରସାରଣ କ'ଣ ପାଇଁ